**ଘରୁ ଚୋରି ଅଭିଯୋଗ**

ଛେଣ୍ଡିପଦା,(ଅଜିତ ଧଳ): ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ଗ୍ରାମର ସମୀର ରଞ୍ଜନ ପ୍ରଧାନଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଆଲମାରି ଲକରରେ ଥିବା ୨୫ ଗ୍ରାମର ୧୨ଟି ସୁନାମୁଦି ଚୋରି କରିନେଇଥିବା ସମୀର ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ.୧୫୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୨୦ ଦିନ ହେଲା କଳାକୃତି ଗ୍ରାମରେ ବିଦ୍ୟୁତ୍ ଠପ୍

■ଜାଣି ମଧ ଚୁପ୍ ବସିଛନ୍ତି ଅଧିକାରୀ
■ପାଣି ପାଇଁ ମଣିଷ ସମେତ ପ୍ରାଣୀ ତହଲବିକଳ

ଢେଙ୍କାନାଳ,୨୭।୪(ରତନ ନାୟାର)

ଢେଙ୍କାନାଳଜିଲା ସଦର ବ୍ଲକର ସବୁଜିମାମୟ ସପ୍ତଶଯ୍ୟା ରାଜ୍ୟ ଏବଂ ଜିଲାର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ। ସପ୍ତଶଯ୍ୟା ପଞ୍ଚାୟତର ନବଜୀବନପୁର ସଦେଇବେରେଣୀ ଗ୍ରାମ ପ୍ରସିଦ୍ଧ ଡୋକ୍ରା କାଷ୍ଟିଂ ହସ୍ତଶିଳ୍ପ ଗ୍ରାମ ଭାବେ ପରିଚିତ। ସ୍ଥାନୀୟ ଡୋକ୍ରା କାରିଗରମାନଙ୍କୁ ପ୍ରୋତ୍ସାହନ ଓ ସେମାନଙ୍କ ଦ୍ୱାରା ହସ୍ତଶିଳ୍ପର ଚାହିଦା ବୃଦ୍ଧି ପାଇଁ ୫ କୋଟି ଟଙ୍କାରେ ନିର୍ମିତ ନବଜୀବନପୁର ସଦେଇବେରେଣୀ ଗ୍ରାମରେ କଳାକୃତି ଗ୍ରାମ ୨୪ ଫେବୃଆରୀ ୨୦୧୯ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କିନ୍ତୁ ବର୍ତ୍ତମାନ ଜିଲା ପ୍ରଶାସନ ଓ ସଦର ବ୍ଲକ କର୍ତ୍ତୃପକ୍ଷଙ୍କ ଅବହେଳା ପ୍ରଦର୍ଶନ ଯୋଗୁ କଳାକୃତି ଗ୍ରାମ ତାର ଗରିମା ହରାଇବାକୁ ବସିଛି। ଏପରିକି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଡୋକ୍ରା କାରିଗରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରକଳ୍ପ ବର୍ତ୍ତମାନ ସ୍ଥାଣୁ ହୋଇ ପଡିରହିଛି। ଗତ ୨୦ଦିନ ହେବ କଳାକୃତି ଗ୍ରାମରେ ବିଦ୍ୟୁତ୍



ସପ୍ତଶଯ୍ୟା ସଦେଇବେରେଣୀଠାରେ ଥିବା କଳାକୃତୀ ଗ୍ରାମ।

ସେବା ଠପ୍ ହୋଇ ପଡିଥିବା ବେଳେ ସଦର ବ୍ଲକ କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିଭାଗ ଜାଣି ମଧ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ବିଦ୍ୟୁତ୍ ସେବା ବନ୍ଦ ଯୋଗୁ ଏହା ପରିସରରେ କାର୍ଯ୍ୟରତ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ମହିଳା ଗୋଷ୍ଠୀ, ଡୋକ୍ରା କାରିଗରଙ୍କ ସମେତ ଏହା ମଧ୍ୟରେ ରହିଥିବା ଠେକୁଆ, ବତକ ଆଦି ପାଣି ପାଇଁ ତହଲବିକଳ ହୋଇ ପଡିଛନ୍ତି। ପାଣି ନ ଥିବାରୁ ଏହା ମଧ୍ୟରେ ରହିଥିବା ଫୁଲଗଛ ଏବଂ ଅନ୍ୟାନ୍ୟ ଗଛ ନଷ୍ଟ ହୋଇଗଲାଣି। ଏ ସମ୍ପର୍କରେ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ମହିଳା ଗୋଷ୍ଠୀର ସଦସ୍ୟମାନେ ସଦର ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ ଏହାକୁ ଗୁରୁତ୍ୱ ପ୍ରଦାନ କରାଯାଉ ନ ଥିବା ଦୁଃଖ ଓ ପରିତାପର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ସଦର ବ୍ଲକ ବିଡିଓ ଆୟୁଷି ମହାପାତ୍ର କହିଛନ୍ତି, କିଛିଦିନ ପୂର୍ବରୁ ଏ ସମ୍ପର୍କରେ ବିଦ୍ୟୁତ ବିଭାଗକୁ ଆମେ ଜଣାଇଥିଲୁ। ପୁଣି ଆଉଥରେ ଜଣାଇବୁ ବୋଲି ବିଡିଓ କହିଥିଲେ। ଏ ସଂକ୍ରାନ୍ତରେ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ବେଣୁଧର ଦାସ କହିଛନ୍ତି, କଳାକୃତି ଗ୍ରାମକୁ ମାଟିତଳେ କେବୁଲ ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ହୋଇଛି। ତେଣୁ କେବୁଲରେ କୌଣସି ସମସ୍ୟା ରହିଥିବ। ଆମେ ତାହା କରିପାରିବୁ ନାହିଁ। ବିଡିଓ ଏ ସମ୍ପର୍କରେ ଜାଣି ନାହାନ୍ତି। ଏହା ଜିଇଡି ବିଭାଗକୁ କହି କରିବା କଥା ବୋଲି ନିର୍ବାହୀ ଯନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ, ତତ୍କାଳୀନ ଜିଲାପାଳ ସରୋଜ କୁମାର ସେଠୀ ଏହି ପ୍ରକଳ୍ପକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ୨୮ ଜୁନ ୨୦୨୩ରେ ସେଠାରେ ଏକ ୱାଟର ଟ୍ୟାଙ୍କ ନିର୍ମାଣ କରି ବୋଟିଂ ବ୍ୟବସ୍ଥା କରିଥିଲେ। ୪ଟି ବୋଟ୍ ମଧ ରହିଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହି ବୋଟ୍‌ଗୁଡିକ ଏବେ ଭାଙ୍ଗରୁଜା ଅବସ୍ଥାରେ ମଧ ପଡିରହିଛି।

# ବିଜେଡି ପ୍ରାର୍ଥୀଙ୍କ ସମର୍ଥନ ପାଇଁ ଶପଥ


୭ନଂ. ୱାର୍ଡରେ ବିଜେଡିର ସାଙ୍ଗଠନିକ ସମ୍ମିଳନୀ ଅବସରରେ ବିଜେଡି ଏମ୍‌ପି ପ୍ରାର୍ଥୀଙ୍କ ସମେତ ଅନ୍ୟ ନେତା ଓ କର୍ମୀମାନେ।

ଢେଙ୍କାନାଳ,୨୭।୪(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୭ନଂ. ୱାର୍ଡରେ ଶୁକ୍ରବାର ବିଜେଡି ପକ୍ଷରୁ କର୍ମୀ ଓ ସ୍ଥାନୀୟ ବରିଷ୍ଠ ବ୍ୟକ୍ତିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୱାର୍ଡର ବରିଷ୍ଠ କର୍ମୀ ବିନୋଦ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ଜଗଦୀଶ ସାମଲ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ବିଧାୟକଙ୍କ ପ୍ରତିନିଧି ଅଜୟ ଭଞ୍ଜ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ପ୍ରମୁଖ ଯୋଗଦେଇ ନିର୍ବାଚନରେ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ଦଳର ଢେଙ୍କାନାଳ ବିଧାନସଭା ପ୍ରାର୍ଥୀ ବିଧାୟକ ସୁଧୀର କୁମାର ସାମଲଙ୍କୁ ଜିତାଇବା ପାଇଁ ଶପଥ ନେଇଥିଲେ। ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ନାୟକ, ଜୁବୁଲିଟାଉନ -୧ ଲକ୍ଷ୍ମୀପୂଜା କମିଟି ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ରମଜାନ ଖାଁ, ଜ୍ୟୋତି ପ୍ରସାଦ ବେଉରା, ସରୋଜ ମହାନ୍ତି, ସୁଶାନ୍ତ ବାରିକ, ଦୁର୍ଗାଚରଣ ନାୟକ, ରାଜେଶ ଖାନ, ସୁନୀଲ ବାରିକ, ଆଶୁତୋଷ ମହାପାତ୍ର, ଶକ୍ତି ପ୍ରସାଦ ମହାନ୍ତି, ସମ୍ବିତ ପିରେଇ, ସନ୍ତୋଷ ମହାପାତ୍ର, ପ୍ରିତମ ନାୟକ, ନୃସିଂହ ମହାପାତ୍ର, ସୁଶାନ୍ତ ନାୟକ, ବିକାଶ ଜେନା, ସମରେନ୍ଦ୍ର ମହାନ୍ତି, ରାଜେନ୍ଦ୍ର ବରାଳ, ବିଶ୍ୱଜିତ ମହାପାତ୍ର, ଜୁଏଲ ରାଉତରାୟ, ଐଶ୍ୱର୍ଯ୍ୟ ପ୍ରସାଦ ବେଉରା, ନୀଳମାଧବ ମହାପାତ୍ର, ମନୋଜ ମହାପାତ୍ର, ଆଶିଷ ମହାପାତ୍ର ଓ ପୁରୁଷୋତ୍ତମ ନାୟକଙ୍କ ସହ ୟୁନିଟ୍ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଯନ୍ତ୍ରାରୂଢ଼ ମାନବର ଯନ୍ତ୍ରଣା ଉପରେ ଆଲୋକପାତ

ଢେଙ୍କାନାଳ,୨୭।୪(ରତନ ନାୟାର)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲା ଶାଖାର ବିଚାରଧାରା ବିଭାଗ ଦ୍ୱାରା ଆୟୋଜିତ ଆମ ଐତିହ୍ୟ ଆମ ସଂସ୍କୃତି ଶୀର୍ଷକ ୪୨ ତମ ଇ-ପାଠଚକ୍ରମାଳା ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଅଧ୍ୟକ୍ଷା ତଥା ଆଜୀବନ ସଦସ୍ୟା ଡ. ସୁସନ୍ଧ୍ୟା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଯୁବ ସଂସଦ ମୁଖ୍ୟ ଅଧାପକ ବିଜୟ କୁମାର ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି 'ଯନ୍ତ୍ରାରୂଢ ମାନବର ଯନ୍ତ୍ରଣା' ପ୍ରସଙ୍ଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସବୁ ପ୍ରକାର ଯନ୍ତ୍ର ନିଜ ହାତରେ ତିଆରି କରିଥିବା ମଣିଷ କିପରି ଯନ୍ତ୍ର ମାନଙ୍କର ଅଧିନସ୍ଥ ଯନ୍ତ୍ରଣାଗ୍ରସ୍ତ ହୋଇପଡିଛି ତାହା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା ସଂଯୋଜନା କରିଥିଲେ। ଆଜୀବନ ସଦସ୍ୟା ଆଇନଜୀବୀ ନିବେଦିତା ରଥ ବିବେକ ବାଣୀ ପାଠ କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଓ ଆଜୀବନ ସଦସ୍ୟା ନିର୍ମଳା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଢେଙ୍କାନାଳ ଜିଲା ଶାଖା ସଭାପତି ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ, ରାଜ୍ୟ ଉପସଭାପତି ଡ. ପ୍ରଳୟ କୁମାର ନନ୍ଦ, ଶିକ୍ଷାବିତ ଶଙ୍କର୍ଷଣ ଶତପଥୀ, ଜିଲା ଉପ ସଭାପତି ଅଧାପକ ଦେବରାଜ ବେହେରା, ଯୁଗ୍ମ ସମ୍ପାଦକ ଶିକ୍ଷକ ସଦାନନ୍ଦ ରାଉତ, ବିନୟ ସାମଲ, ବୈକୁଣ୍ଠ ବିହାରୀ ସ୍ୱାଇଁ, ଦୀନବନ୍ଧୁ ପୋଇ, ପ୍ରଭାତ ନଳିନୀ ଦାସ, ଡ. ସୁଚେତା ମିଶ୍ର, ଡ. ସୁସନ୍ଧ୍ୟା ମହାନ୍ତି, ନିବେଦିତା ରଥ, ବିଜୟ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଝୁନୁବାଳା ମିଶ୍ର, କୃପାସିନ୍ଧୁ ମିଶ୍ର, ଡ. ରବୀନ୍ଦ୍ର କୁମାର ସାହୁ ସହଯୋଗ କରିଥିଲେ।

# ତୃଷାର୍ତ୍ତଙ୍କ ଶୋଷ ମେଣ୍ଟାଉଛନ୍ତି ସ୍ୱେଚ୍ଛାସେବୀ

**ଜଳଛତ୍ର ବ୍ୟବସ୍ଥା କରିନି ପ୍ରଶାସନ**

ଓଡ଼ାପଡ଼ା,୨୭।୪(ରଞ୍ଜିତ ନାୟକ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଓଡ଼ାପଡ଼ା ବ୍ଲକ ନିକଟରେ ଥିବା ହିନ୍ଦୋଳ ରୋଡ ବଜାରରେ ପ୍ରଶାସନ ପକ୍ଷରୁ ଏଯାଏ ଜଳଛତ୍ର ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଟହଟହ ଖରାରେ ଲୋକମାନେ ପାଣି ପିଇବାକୁ ଖୋଜୁଥିବାବେଳେ ବ୍ଲକ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢୁଥିବା ବେଳେ ଶନିବାର ହିନ୍ଦୋଳ ରୋଡ ସାପ୍ତାହିକ ହାଟରେ ଗୁଡିଆକାଟେଣିସ୍ଥିତ ଚୌଧୁରୀ ମଲ୍ ପକ୍ଷରୁ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ବ୍ଲକ ପ୍ରଶାସନ କିମ୍ବା ନିକଟରେ ଥିବା ୨ଟି ପଞ୍ଚାୟତ ପକ୍ଷରୁ ଲୋକଙ୍କ ପାଇଁ ପାନୀୟ ଜଳର


ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଲୋକମାନଙ୍କୁ ପାନୀୟ ଜଳ ପ୍ରଦାନ କରାଯାଉଛି।

ବ୍ୟବସ୍ଥା କରାଯାଇ ନାହିଁ। ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଥିବା କୁହାଯାଉଥିଲେ ହେଁ ବାସ୍ତବରେ ତାହା ହେଉ ନ ଥିବା ଅଭିଯୋଗ ହେଉଛି। କେବଳ କାଗଜ କଲମରେ ପାନୀୟ ଜଳ ଯୋଗାଇ ଦେଉଥିବା ଦର୍ଶାଯାଇ ସରକାରୀ ଅର୍ଥ ଆତ୍ମସାତ କରାଯାଉଥିବା ଆଲୋଚନା ହେଉଛି। ଆଉ କେତେ ଖରା ହେଲେ ପ୍ରଶାସନର ନିଦ ଭାଙ୍ଗିବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

# ସୀମାରାଣୀଙ୍କ ପ୍ରାର୍ଥିତ୍ୱକୁ ନେଇ ପ୍ରତିକ୍ରିୟା ରଖିଲେ ଅଞ୍ଜଳି

ଢେଙ୍କାନାଳ,୨୭।୪(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟିକା ସୀମାରାଣୀ ନାୟକଙ୍କୁ ଭାଜପା ବିଧାୟକ ପ୍ରାର୍ଥୀ କରିବା ପରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ଅଞ୍ଜଳି କହିଛନ୍ତି, ଜଣେ ପ୍ରାର୍ଥୀ ଅତୀତରେ କଂଗ୍ରେସରେ ଥିଲେ। ପରେ ସେ ବିଜେଡିରେ ସାମିଲ ହେଲେ। ଏବେ ବିଜେଡି ଛାଡି ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟଜଣେ ପ୍ରାର୍ଥୀ ଅତୀତରେ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିଲେ। ତେଣୁ କର୍ମୀମାନେ କାହାକୁ କ'ଣ ଭୋଟ ଦେବେ କହିପାରିବୁ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୋଟଦେବି କହି ସେ ଏହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ସୂଚନାଯୋଗ୍ୟ, ଅଞ୍ଜଳି ୨୦୦୦ରୁ ୨୦୦୪ ଓ ୨୦୦୪ ରୁ ୨୦୦୯, ୨୦୦୯ରୁ ୨୦୧୪ ହିନ୍ଦୋଳ ବିଧାନସଭା ଆସନରୁ ବିଧାୟିକା ରହିବା ସହିତ ରାଜ୍ୟ ସରକାରରେ ମନ୍ତ୍ରୀ ମଧ ରହିଥିଲେ। ସେ ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାଚନ ସମୟରେ ସେ ସମିତି ସଭ୍ୟା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହେବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା। ଅଞ୍ଜଳି ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପାର ବରିଷ୍ଠ ନେତ୍ରୀ ଏବଂ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ହୋଇଥିବାରୁ ବିଧାୟିକା ପ୍ରାର୍ଥୀଙ୍କ ପ୍ରତି ନିର୍ବାଚନରେ କିଭଳି ସମର୍ଥନ ରହିବ, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

# ଆଇନ୍‌ଜୀବୀଙ୍କ ବିୟୋଗରେ ସ୍ମୃତି ସଭା

ଢେଙ୍କାନାଳ,୨୭।୪(ରତନ ନାୟାର)

ଆଇନଜୀବୀ ଅରୁଣ କୁମାର ସାହୁଙ୍କ ପରଲୋକରେ ଢେଙ୍କାନାଳ ଓକିଲ ସଂଘର ବନ୍ଧୁମାନଙ୍କୁ ନେଇ ଏକ ସ୍ମୃତିସଭା ବରିଷ୍ଠ ଆଇନ୍‌ଜୀବୀ କିଷାନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ କୋର୍ଟ ପରିସରରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅରୁଣ ସାହୁ ଢେଙ୍କାନାଳ ବାର୍‌ର ଭିଜିଲାନ୍ସ କୋର୍ଟ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିବା ଏବଂ ଗୋଟେ ଦିନ ପାଇଁ ଖର୍ଚ୍ଚ ପ୍ରଦାନ କରିଥିଲେ। ଓକିଲମାନଙ୍କର ଯେ କୌଣସି ଖେଳକୁଦ ହେଲେ ସେ ଉପସ୍ଥିତ ରହିବା ସହ ସହ ଆର୍ଥିକ ସହଯୋଗ କରୁଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଓକିଲ ସଂଘ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା।

# ପ୍ରଧାନ ଶିକ୍ଷକମାନଙ୍କ ସଚେତନତା ଶିବିର



ଢେଙ୍କାନାଳ,୨୭।୪(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷକମାନଙ୍କର ଏକ ଦିବସୀୟ ସଚେତନତା ଶିବିର ଜିଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗଭର୍ନମେଣ୍ଟ ପୋର୍ଟାଲ ସମ୍ପର୍କରେ ପ୍ରଧାନ ଶିକ୍ଷକମାନଙ୍କୁ ସଚେତନ କରାଯାଇ ସରକାରଙ୍କ ତରଫରୁ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନ କିପରି ସ୍ୱଚ୍ଛତାର ସହିତ ଏହି ପୋର୍ଟାଲ ମାଧ୍ୟମରେ ପରିଚାଳନା କରାଯିବ ଏବଂ ବିନିଯୋଗ କରାଯାଇପାରିବ ସେ ସମ୍ପର୍କରେ ପ୍ରଧାନ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଗଲା। ଫଳରେ ବିଦ୍ୟାଳୟଗୁଡିକରେ ଆର୍ଥିକ ସ୍ୱଚ୍ଛତା ଅବଲମ୍ବନ ହେବା ସହିତ ଅନୁଦାନ ଯୋଗାଣକାରୀ ସଂସ୍ଥାଗୁଡିକ ବିଦ୍ୟାଳୟ ଖର୍ଚ୍ଚ ସମ୍ବନ୍ଧରେ ସହଜରେ ଅବଗତ ହୋଇପାରିବେ। ଏଥିସହିତ ଶିବିରରେ ନୂତନ ବିନିଯୋଗ ପ୍ରମାଣପତ୍ର ଫର୍ମ ପୂରଣ କରିବା ପଦ୍ଧତି ଓ ଷ୍ଟକ ରେଜିଷ୍ଟର ଲିପିବଦ୍ଧ ଶୈଳୀ ସମ୍ପର୍କରେ ପ୍ରଧାନଶିକ୍ଷକମାନଙ୍କୁ ଅବଗତ କରାଗଲା। ଏବିଇଓ ଦେବବ୍ରତ ନାଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଅଫିସ ଆକାଉଣ୍ଟାଣ୍ଟ ଶୁଭସ୍ମିତା ବେହେରା, ନିରୁପମା ବେହେରା, ପ୍ରଜ୍ଞା ପରମିତା ମିଶ୍ର ଓ ସମଗ୍ର ଶିକ୍ଷା ଅଭିଯାନର ଆକାଉଣ୍ଟାଣ୍ଟ ଯତୀନ୍ଦ୍ର କର ସାଧନକର୍ମୀ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଦୁଇଟି ପର୍ଯ୍ୟାୟରେ ୨୦୦ ପ୍ରଧାନଶିକ୍ଷକ ଅଂଶଗ୍ରହଣ କରିଥିଲେ। ବିଇଓ ବ୍ରହ୍ମାନନ୍ଦ ରାଉତ ଶିବିର ପରିଦର୍ଶନ କରି ଏହି ପୋର୍ଟାଲର ଆବଶ୍ୟକତା ଓ ଉପାଦେୟତା ଉପରେ ମତବ୍ୟକ୍ତ କରିଥିଲେ। ସିଆରସିସି ବିକାଶ ଜେନା, ଦିଲୀପ ପଣ୍ଡା ଓ ନୃସିଂହ ପତି ପ୍ରମୁଖ ସହଯୋଗ କରିଥିଲେ।

# ସାଧୁ ଗୋକୁଳାନନ୍ଦଙ୍କ ପରଲୋକରେ ତେରଦିବସୀୟ କାର୍ଯ୍ୟକ୍ରମ

ଢେଙ୍କାନାଳ,୨୭।୪(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଜଙ୍ଘିରା ଗ୍ରାମସ୍ଥିତ ଶ୍ରୀରଘୁନାଥ ଜୀଉ ଆଶ୍ରମର ମଠାଧୀସ ବାବା ଶ୍ରୀଗୋକୁଳାନନ୍ଦ ଦାସଜୀ ମହାରାଜଙ୍କ ଗତ ୧୪ ତାରିଖ ସନ୍ଧ୍ୟା ୭ଟାରେ ମହାପ୍ରାୟାଣ ହୋଇଥିଲା। ଶନିବାର ୨୬ଜଣ ସାଧୁ ଓ ବୈଷ୍ଣବ ତଥା ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ଏବଂ ବିଭିନ୍ନ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଗୋକୁଳାନନ୍ଦ ଦାସଜୀ ମହାରାଜଙ୍କ ବୈଷ୍ଣବ ମତରେ ତେରଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଗୀତାପାଠ, ନାମ ସଂକୀର୍ତ୍ତନ, ସ୍ତୁତିଚାରଣ ଓ ନଗର ପରିକ୍ରମା ହୋଇଥିଲା। ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ଓ ଜଙ୍ଘିରା ଗ୍ରାମବାସୀ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲାର


ସାଧୁ ଗୋକୁଳାନନ୍ଦ ଦାସଜୀ ମହାରାଜ।

୬ନଂ ଜୋନ୍ ଡ୍ରାଇଭର ମହାସଂଘ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ବୋଲି ଶ୍ରୀଚୈତନ୍ୟ ଦାସ ପ୍ରଚାର ପରିଷଦ ପକ୍ଷରୁ ସଭାପତି ସତ୍ୟାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି।


କାମାକ୍ଷାନଗର ଅଞ୍ଚଳରେ ପ୍ରଚଣ୍ଡ ଖରାକୁ ଖାତିର ନ କରି ଶନିବାର ସେଣ୍ଟିଂ କାମ କରୁଛନ୍ତି ୨ ଜଣ ଶ୍ରମିକ। (ଫଟୋ- ଅମଜାଦ ଖାନ)

# ପୌରାଞ୍ଚଳରେ ବିଜେଡିର କର୍ମୀ ସମ୍ମିଳନୀ



ଢେଙ୍କାନାଳ,୨୭।୪(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୨୧ ଓ ୨୨ନଂ ୱାର୍ଡରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଦଳୀୟ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନ କଲ୍ୟାଣକାରୀ ଯୋଜନା ଓ ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ବିଜେଡି ସାଧାରଣ ଲୋକଙ୍କ ପାଇଁ କାମ କରୁଛି ବୋଲି କହିଥିଲେ। ଗ୍ରାମାଞ୍ଚଳଠାରୁ ସହର ଆଦିରେ ପକ୍କା ସଡ଼କ, ବିଶୁଦ୍ଧ ପାନୀୟଜଳ, ଉତ୍ତମ ସ୍ୱାସ୍ଥ୍ୟସେବା, ଶିଳ୍ପ ଆଦି ପ୍ରତିଷ୍ଠା ସହିତ ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ସଶକ୍ତ ହୋଇପାରିଛନ୍ତି ବୋଲି ସେ କହିଥିଲେ। ପୌରାଞ୍ଚଳରେ ମୁକ୍ତା ଯୋଜନାରେ ପାର୍କ, ଖୋଲା ଜିମ୍ ପ୍ରତିଷ୍ଠା, ପୋଖରୀ ପୁନରୁଦ୍ଧାର, ଧର୍ମାନୁଷ୍ଠାନର ଉନ୍ନତୀକରଣ, କଲ୍ୟାଣ ମଣ୍ଡପ, କୋଠଘର ଓ ଲକ୍ଷ୍ମୀପୂଜା ମଣ୍ଡପ ଆଦି ଅନେକ କାର୍ଯ୍ୟ ବିଧାୟକଙ୍କ ପାଣ୍ଠିରେ ନିର୍ମାଣ ହୋଇଥିବା ସେ ସୂଚନା ପ୍ରଦାନ କରିଥିଲେ। ନିର୍ବାଚନରେ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ଢେଙ୍କାନାଳ ବିଧାନସଭା ପ୍ରାର୍ଥୀ ସୁଧୀର କୁମାର ସାମଲଙ୍କୁ ବିଜୟୀ କରିବାକୁ କର୍ମୀମାନେ ଶପଥ ନେଇଥିଲେ। ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଶ୍ରୀକାନ୍ତ ଧଳ, ଆନନ୍ଦ କର, ଜ୍ୟୋତି ପ୍ରକାଶ ମହାପାତ୍ର, ବିନୋଦ ମହାନ୍ତି, ବାପୁଜୀ ମଲ୍ଲିକ, ବିଜୟ କୁମାର ସାହୁ, ଗାନ୍ଧୀ ମଲ୍ଲିକ, ସନ୍ଧ୍ୟାରାଣୀ ପଣ୍ଡା, ଉର୍ବଶୀ ମହାପାତ୍ର ଓ ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।






୫୫ନଂ. ଜାତୀୟ ରାଜପଥର ଅନୁଗୋଳ ପଞ୍ଚମହଲାଠାରେ ଦୁର୍ଘଟଣା ପରେ ରାଜପଥ ଜାମ୍। ଦୁର୍ଘଟଣାସ୍ଥଳରେ ଛେଣ୍ଡିପଦା ଭାଜପା ପ୍ରାର୍ଥୀ ଅଗସ୍ତି ବେହେରା, ପୋଲିସ ଓ ଜନସାଧାରଣ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମୃତକଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି ଛେଣ୍ଡିପଦା ବିଧାୟକ ତଥା ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା।

# ଦୁର୍ଘଟଣା ପାଇଁ କାହାକୁ ଦାୟୀ କରିବେ କେନ୍ଦ୍ରମନ୍ତ୍ରୀ

## ୫୫ନଂ. ରାଜପଥକୁ ନେଇ ପ୍ରଶ୍ନ କଲା ବିଜେଡି

ଅନୁଗୋଳ, ୨୭।୪ (ଅମିତ କୁମାର ସାମଲ)

ଅନୁଗୋଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଏହି ରାଜପଥରେ ନିତି ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲାବେଳେ ଶନିବାର ଟ୍ରକ୍ ଧକ୍କାରେ ଜଣେ ନାବାଳକ ଓ ୨ ଯୁବକଙ୍କ ଜୀବନ ଯିବା ପରେ ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରିଛି ଅନୁଗୋଳ ବିଜେଡି। କେନ୍ଦ୍ରମନ୍ତ୍ରୀ ଲଢୁଥିବା ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ଏହି ଦୁର୍ଘଟଣା ଘଟିଥିଲାବେଳେ ଏଥିପାଇଁ ସେ କାହାକୁ ଦାୟୀ କରିବେ ବୋଲି ବିଜେଡି ପ୍ରଶ୍ନ କରିଛି । ଧର୍ମେନ୍ଦ୍ର ଶବ ଉପରେ ରାଜନୀତି କରୁଥିବା କହି ଏହାର ଜବାବ ଏଥର ରାଜ୍ୟବାସୀ ଦେବେ ବୋଲି ବିଜେଡି ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି।

ରାଜପଥର ଶୋଚନୀୟ ଅବସ୍ଥା ପାଇଁ ଏହି ଦୁର୍ଘଟଣା ଘଟିଥିବା ବିଜେଡି କହିଛି। କେନ୍ଦ୍ର ସରକାର ଦେଶର ବିକାଶ କରୁଥିବା କହୁଥିଲାବେଳେ ୫୫ ନମ୍ବର ଜାତୀୟ ରାଜପଥ କାମ ସାରି ନପାରିବା କେଉଁ ପ୍ରକାର ବିକାଶ ବୋଲି ଦଳ ପ୍ରଶ୍ନ କରିଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା କହିଛନ୍ତି, ଧର୍ମେନ୍ଦ୍ର ଏ ମାଟିର ପୁଅ। କିନ୍ତୁ ନିଜ ମାଟି ପାଇଁ କ'ଣ କରିଛନ୍ତି ତାହା ଏହି ଜାତୀୟ ରାଜପଥ ପ୍ରମାଣ ଦେଉଛି। ଧର୍ମେନ୍ଦ୍ର ଚାହିଁଥିଲେ ଏହି ରାସ୍ତା କେବେଠାରୁ ଶେଷ ହୋଇସାରନ୍ତାଣି। କିନ୍ତୁ ଅନୁଗୋଳ, ସମ୍ବଲପୁର ଓ ଢେଙ୍କାନାଳ ଲୋକଙ୍କ ସମସ୍ୟା ତାଙ୍କ ଆଖିକୁ ଦିଶୁନି। ଏହାର ଜବାବ ଲୋକେ ନିଶ୍ଚିତ ଦେବେ ବୋଲି ସେ କହିଛନ୍ତି। ବିଜେଡି ନେତା କୁନ ବିହାରୀ ଦାସ କହିଛନ୍ତି, ଏଠାରେ ଧର୍ମେନ୍ଦ୍ର ନିର୍ବାଚନ ଲଢୁଛନ୍ତି। କିନ୍ତୁ ଲୋକଙ୍କ ବାରମ୍ବାର ଦାବି କେମିତି ତାଙ୍କୁ ଶୁଭୁନି ତାହା ଆଶ୍ଚର୍ଯ୍ୟ କରୁଛି। କେନ୍ଦ୍ରମନ୍ତ୍ରୀ ଏହି ରାସ୍ତାର ଦାୟିତ୍ୱ ନିଜ ମୁଣ୍ଡକୁ ନେବା କଥା। କିନ୍ତୁ ସେ ହାତ ଝାଡ଼ି ଦେଇଥିବାରୁ ନିଜେ ଜାତୀୟ ରାଜପଥରେ ଫସି ରହୁଛନ୍ତି। ଶୋଚନୀୟ ରାସ୍ତା ପାଇଁ ଅକାଳରେ ଜୀବନ ହରାଉଥିବା ଲୋକଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ନିଜେ ନୈତିକ ଦାୟିତ୍ୱ ନିଅନ୍ତୁ। ଅପରପକ୍ଷରେ ରାଜପଥର ଏପରି ଅବସ୍ଥା ପାଇଁ ବିଜେଡି ନେତ୍ରୀ ସଂଯୁକ୍ତା ସିଂହ ସିଧାସଳଖ ଧର୍ମେନ୍ଦ୍ରଙ୍କୁ ଦାୟୀ କରିଛନ୍ତି। ୧୦ ବର୍ଷ ହେଲା କାମ ଚାଲୁଥିଲେ ମଧ୍ୟ କାହିଁକି ସରିପାରୁନି ତା'ର ଉତ୍ତର ଜନସାଧାରଣଙ୍କୁ ଦେବା ଦରକାର। ନ ହେଲେ ଲୋକେ ଏହି ନିର୍ବାଚନରେ ନିଜେ ଉତ୍ତର ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ନିର୍ବାଚନ ଥିବାରୁ ମୁହଁ ଦେଖାଇଲେ ନେତା

## ରାଜପଥକୁ ନେଇ ରାଜନୀତିକୁ ଅନୁଗୋଳବାସୀଙ୍କ ନାପସନ୍ଦ

ଅନୁଗୋଳ,୨୭।୪ (ଅମିତ କୁମାର ସାମଲ)

ଅନୁଗୋଳ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୀର୍ଘବର୍ଷ ହେଲା କାର୍ଯ୍ୟ ଚାଲିଥିଲେ ମଧ୍ୟ ଶେଷ ହେଉନାହିଁ। ଅନେକ ସ୍ଥାନରେ ଅଧାପନ୍ତରିଆ ନିର୍ମାଣ ଯୋଗୁ ଦୈନିକ ଦୁର୍ଘଟଣା ଘଟୁଛି। ବିଶେଷକରି ଅନୁଗୋଳ ଜିଲାରେ ଅଧିକ ଜୀବନହାନି ହେଉଛି। ଏପରି କି ଅନୁଗୋଳ ସହର ଓ ଏହାର ଉପକଣ୍ଠରେ କିଛି ଦିନ ମଧ୍ୟରେ ଏକାଧିକ ଦୁର୍ଘଟଣା ଘଟି ଜୀବନହାନି ହୋଇଥିଲେ ମଧ୍ୟ ସେଠାକୁ କୌଣସି ନେତାଙ୍କ ପାଦ ପଡ଼ି ନ ଥିଲା। ଘଣ୍ଟା ଘଣ୍ଟା ଧରି ଲୋକେ ଆନ୍ଦୋଳନ କରିଥିଲେ ବି ସ୍ଥାନୀୟ ଅଞ୍ଚଳର ରାଜନେତାଙ୍କ ଦେଖା ମିଳୁ ନ ଥିଲା। ରାଜପଥ ନିର୍ମାଣ କାହିଁକି ଶେଷ ହେଉନାହିଁ, କେଉଁଠି ଅସୁବିଧା ରହିଛି ତାହାକୁ ନେଇ ରାଜନୈତିକ ଦଳ ଓ ନେତୃବୃନ୍ଦଙ୍କ ପାଟି ଫିଟୁ ନ ଥିଲା। ହେଲେ ଏବେ ନିର୍ବାଚନ ସମୟ ହୋଇଥିବାରୁ ରାଜପଥକୁ ନେଇ ରାଜନୀତି ଆରମ୍ଭ ହୋଇଛି। ମାଳ ମାଳ ନେତା ପଞ୍ଚମହଲାଠାରେ ଶନିବାର ଘଟିଥିବା ଦୁର୍ଘଟଣାସ୍ଥଳକୁ ଯିବା, ମେଡିକାଲରେ ମୃତକଙ୍କ ପରିବାରକୁ ଭେଟିବା କେବଳ ଲୋକ ଦେଖାଣିଆ ବୋଲି ସହରବାସୀ କହିଛନ୍ତି। ଏମିତି ଶସ୍ତା ରାଜନୀତି ନ କରି ସ୍ଥାୟୀ ପ୍ରତିକାର କରାଯିବା ଆବଶ୍ୟକ। ନଚେତ୍ ଏହାର ଉଚିତ୍ ଜବାବ୍ ଚଳିତ ନିର୍ବାଚନରେ ଦିଆଯିବ ବୋଲି ସହରବାସୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ତୁରଙ୍ଗରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ଜୀବନ ଯାଇଥିଲା। ଦୁର୍ଘଟଣା ପରେ ରାସ୍ତା ଅବରୋଧ ହୋଇଥିଲା। କିନ୍ତୁ କୌଣସି ନେତାଙ୍କ ଦେଖିବାକୁ ମିଳି ନ ଥିଲା। ଏଭଳି କି ବୁଢ଼ୀ ଠାକୁରାଣୀ ଛକରେ ମଧ୍ୟ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଉତ୍ୟକ୍ତ ଲୋକମାନେ ଟ୍ରକ୍ ଜାଳି ଦେଇଥିଲେ। କିନ୍ତୁ ରାଜନେତାଙ୍କ ଦେଖା ନ ଥିଲା। ସେତେବେଳେ ରାଜନେତା କେଉଁଆଡ଼େ ଯାଇଥିଲେ ବୋଲି ଅନୁଗୋଳବାସୀ ପ୍ରଶ୍ନ କରିଛନ୍ତି।

# ବଇଣ୍ଡା ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବଇଣ୍ଡା,୨୭।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଞ୍ଚୀରା କ୍ରିକେଟ କ୍ଲବକୁ ହରାଇ ଆନନ୍ଦପୁର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳର ବଳିଆ ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ କଞ୍ଚୀରା ଦଳର ଚିକୁ ସାହୁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଓମ୍‌ପ୍ରକାଶ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନ୍ତର୍ଯ୍ୟାମୀ ବେହେରା, ବିନୋଦ ବିହାରୀ ମିଶ୍ର, ବୈଜୟନ୍ତ ବେହେରା, ପ୍ରଭାସ ଘିଓ୍ୱାଲା ପ୍ରମୁଖ ଯୋଗ ଦେଇଥିଲେ। ବାଳକୃଷ୍ଣ ସ୍ୱାଇଁ, ବାଦଲ ସିଂ ପରିଚାଳନା କରିଥିଲେ।




# ଡିଆର୍‌ଏମ୍‌ଙ୍କୁ ସମ୍ବର୍ଦ୍ଧନା, ଦାବିପତ୍ର

ଅନୁଗୋଳ,୨୭।୪ (ଅମିତ କୁମାର ସାମଲ)

ଅନୁଗୋଳ ଇଲେକ୍ଟ୍ରି ଲୋକ ଶେଡ୍‌ଠାରେ ପୂର୍ବତଟ ରେଳପଥ ଅଧୀନ ଖୋର୍ଦ୍ଧାରୋଡ ମଣ୍ଡଳର ମଣ୍ଡଳ ପ୍ରବନ୍ଧକ ହରବିନ୍ଦର ସିଂ ବାଜୁଆ ଗତ ଶୁକ୍ରବାର ମଣ୍ଡଳର ବହୁ ବରିଷ୍ଠ ଅଧିକାରୀଙ୍କ ସହ ଅନୁଗୋଳ ଗ୍ରସ୍ତରେ ଆସିଥିଲେ। ଏହି ଅବସରରେ ଶ୍ରମିକ କଂଗ୍ରେସର ଅନୁଗୋଳ ଶାଖା ଉପସଭାପତି ତଥା ଇନଚାର୍ଜ ଏସ.କେ. ଜଲାଲୁଦ୍ଦିନ ସଙ୍ଗଠନର ଅନ୍ୟ ସଦସ୍ୟମାନଙ୍କୁ ନେଇ ଡିଆରଏମ ବାଜୁଆଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ଅତ୍ୟନ୍ତ ଜରୁରୀ ଆବଶ୍ୟକତା ଥିବା ପାଦଚଲା ପୋଲ, କଲୋନିବାସୀଙ୍କ ପାଇଁ ଖେଳ ପଡିଆ, କର୍ମଚାରୀମାନଙ୍କ ପରିବାର ରହିବା ପାଇଁ ଆବଶ୍ୟକ ଘର ନିର୍ମାଣ, ଖାଲି ପଡ଼ିଥିବା ପଦବୀଗୁଡିକରେ ନିଯୁକ୍ତି ଆଦି ବିଭିନ୍ନ ମୌଳିକ ସବୁଧା ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବି.କେ. ସେଠୀ, ସହ ଯୁବ ସଂଯୋଜକ ସୁଶାନ୍ତ କୁମାର ସେଠୀ, ଯୁବ ବାହିନୀ ଜଗତାନନ୍ଦ ଯୋଗେଶ, କଳ୍ପନା ଦାଶ, ଶ୍ରାବଣୀ ନାଏକ, ରାଜେନ୍ଦ୍ର ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ଚୋରି ଅଭିଯୋଗରେ ୨ ଗିରଫ

ଅନୁଗୋଳ,୨୭।୪(ଅମିତ ସାମଲ)

ଅନୁଗୋଳ ଟାଉନ୍ ଥାନା ପୋଲିସ ଚୋରି ଅଭିଯୋଗରେ ଶନିବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳର ଏ ଶ୍ରୀକାନ୍ତ(୨୫) ଏବଂ ଡି. ଗାନ୍ଧୀ(୨୬)। ପୋଲିସ କହିଛି, ଟାଉନ୍ ଥାନା ସୌଭାଗ୍ୟନଗରରେ ରହୁଥିବା ସୁଧୀର ଓ ତାଙ୍କ ସ୍ତ୍ରୀ ଗତ ୧୮ ତାରିଖରେ ଜଗନ୍ନାଥ ମନ୍ଦିରରୁ ଫେରୁଥିଲେ। ୨ ଜଣ ଦୁର୍ବୃତ୍ତ ତାମ୍ରିତ୍ କଲୋନୀ ନିକଟରୁ ତାଙ୍କ ସ୍ତ୍ରୀ ବେକରୁ ସୁନା ଚେନ୍ ଛିନ୍‌ତାଇ କରି ଚମ୍ପଟ ମାରିଥିଲେ। ସୁଧୀରଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୭୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।



# ତାତି ବଢୁଛି, ଲୋକେ କଲବଲ

## ଅନୁଗୋଳରେ ସର୍ବାଧିକ ତାପମାତ୍ରା ରେକର୍ଡ

ଅନୁଗୋଳ,୨୭।୪(ଅମିତ ସାମଲ)

ରାତି ପାହିଲେ ତାତି ବଢୁଛି। ତା ସାଙ୍ଗକୁ ଝାଞ୍ଜି ପବନ। ବିଶେଷକରି ପୂର୍ବାହ୍ନ ୮ଟାରୁ ତାପମାତ୍ରାରେ ଅହେତୁକ ବୃଦ୍ଧି ଜନଜୀବନକୁ ଅଥୟ କରିଦେଉଛି। ରାଜ୍ୟରେ ଅନୁଗୋଳ ଜିଲାରେ ଶନିବାର ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଅନୁଗୋଳରେ ଶନିବାର ୪୪.୭ ଡିଗ୍ରୀ ତାପମାତ୍ରା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ସକାଳ ୭ଟାରୁ ଖରା ଟାଣ ଧରୁଥିବା ବେଳେ ପାରଦ ଧୀରେ ଧୀରେ ଉପର ମୁହାଁ ହେଉଛି। ଗତ ୩ ଦିନ ହେଲାଣି ପାରଦ ୪୨ ଡିଗ୍ରୀ ଉପରେ ରହୁଥିବାବେଳେ ଗତ ଦୁଇ ଦିନ ହେଲା ତାପମାତ୍ରା ୪୪ ଡିଗ୍ରୀ ଟପି ଯାଉଛି। ଫଳରେ ଲୋକମାନେ କଲବଲ ହେଉଛନ୍ତି। ଶୁକ୍ରବାର ପାରଦ ୪୪.୬ ରହିଥିବାବେଳେ ଶନିବାର ଏହି ରେକର୍ଡକୁ କାଟି ୪୪.୭ ଡିଗ୍ରୀ ହୋଇଛି। ଟାଇଁ ଟାଇଁ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ପରିଲକ୍ଷିତ ହେଉଛି। ଅତି ଜରୁରୀ କାମ ନ ଥିଲେ ଲୋକ ଘରୁ ବାହାରକୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। ସେପଟେ ଘରେ ମଧ୍ୟ କାନ୍ଥ ଓ ଆସବାବ ପତ୍ର ତାତି ଯାଉଥିବା ଜଣାପଡୁଛି। ଘରେ କି ବାହାରେ କେଉଁଠି ତ୍ରାହି ନାହିଁ। ତା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କୁ ଦୁଃଖକୁ ଦ୍ୱିଗୁଣିତ କରିଦେଉଛି। ପୂର୍ବାହ୍ନ ୧୦ଟା ବେଳକୁ ରାସ୍ତା ଘାଟ ଶୂନ ଶାନ୍ ହୋଇଯାଉଥିବାବେଳେ ଦୋକାନ ବଜାର ମଧ୍ୟ ଖାଁ ଖାଁ ହୋଇ ରହୁଛି। ଯେଉଁ କେତେଜଣ ଯାତାୟାତ କରୁଛନ୍ତି, ସେମାନେ ଛତା ନ ହେଲେ ଗାମୁଛା ମୁଣ୍ଡରେ ଗୁଡ଼ାଇ ଯାଉଥିବା ଦେଖିବାକୁ ମିଳୁଛି। ବସ୍‌ରେ ଯାତ୍ରୀଙ୍କ ଭିଡ଼ ନ ଥିବା ବେଳେ ବାଟୋଇମାନେ ଜଳଛତ୍ର ଓ ଛାଇ ଖୋଜୁଛନ୍ତି। ଆଗାମୀ କେଇଦିନ ଏପରି ତାତି କଲବଲ କରିବାକୁ ଥିବାବେଳେ ଏହା ସହରବାସୀଙ୍କ ଚିନ୍ତା ବଢ଼ାଇ ଦେଉଛି। ଆକାଶରେ ମେଘମାଳକୁ ସହରବାସୀ ଯେପରି ଚାହିଁ ରହିଛନ୍ତି।




# ଭାଜପାରେ ସାମିଲ ହେଲେ ୩୦୦୦ ବିଜେଡି କର୍ମୀ



ଖମାର,୨୭।୪(ରଜନୀକାନ୍ତ ମହାରଣା)

ପାଲଲହଡା ଉପଖଣ୍ଡ ଖମାର ହାଟପଦା ଠାରେ ଶନିବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ପାଲଲହଡା ନିର୍ବାଚନ ମଣ୍ଡଳୀର ୪୬ଟି ଯାକ ପଞ୍ଚାୟତରୁ ପ୍ରାୟ ୩୦୦୦ରୁ ଅଧିକ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଥିଲେ। ଏହି ୪୬ଟି ପଞ୍ଚାୟତରୁ କଣିହାଁ ବ୍ଲକର ଭରତ ଚନ୍ଦ୍ର ସାହୁ, ପାଲଲହଡା ବ୍ଲକର ମନୀଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ଜିଲା ଉପସଭାପତି ଲିଙ୍ଗରାଜ ଦାସ, ପାଲଲହଡା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି, ପାଲଲହଡା ନିଜିଗଡ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ, ଖମାର ମଣ୍ଡଳ ସଭାପତି ଗୌରଚରଣ ପ୍ରଧାନ, ପାଲଲହଡା ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ, ଜିଲା ଉପସଭାପତି ନୃସିଂହ ବରାଳ, ଯୁବ ମୋର୍ଚ୍ଚାର ହରେକୃଷ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଆଠମଲ୍ଲିକ ସହରରେ ଫ୍ଲାଗମାର୍ଚ୍ଚ

ଆଠମଲ୍ଲିକ,୨୭।୪(ଉଦୀପ୍ତ ପୁରୋହିତ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ଓ ବିଏସ୍‌ଏଫ ଯବାନଙ୍କ ତରଫରୁ ଶନିବାର ଆଠମଲ୍ଲିକ ସହର ଓ ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଆଠମଲ୍ଲିକ ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସବ୍ ଇନ୍ସପେକ୍ଟର ସତିଶ କୁମାର ହେଟା, ଏଏସ୍‌ଆଇ ମନୋଜ କୁମାର ସାହୁ, ଏଏସ୍‌ଆଇ ନେପାଳ କୋଟା ପ୍ରମୁଖ ସାମିଲ ହୋଇଥିଲେ।



# ମାହାରୀ ନୃତ୍ୟରେ ଝୁମିଲେ ଦର୍ଶକ




ତାଳଚେର,୨୭।୪(ମନୋଜ ନନ୍ଦ)

ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ଲୋକ ମହୋତ୍ସବର ୫ମ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍ ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ସୁବ୍ରତ କୁମାର ବିଶ୍ୱାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ମା'ଙ୍କ ପୀଠରେ ଚାଲିଥିବା ଲୋକ ମହୋତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ଅରୁଣ ପ୍ରଧାନ, ସଞ୍ଜୟ ସାହୁ ଓ ଗଗନ ବିହାରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁରୀର ରୁଫ ଆଣ୍ଡ ଟ୍ରୁଫ ଗ୍ରୁପର କଳାକାରମାନଙ୍କ ଦ୍ୱାରା ପରିବେଶିତ ମାହାରୀ ନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ମା' ବିନିକେଶରୀ କଳାପରିଷଦ ପିପିଲର କଳାକାରମାନଙ୍କ ଦ୍ୱାରା ପରିବେଷିତ ତଥା ଗୁରୁ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶିତ ଘୋଡା ନାଚ ପରିବେଷଣ ଦର୍ଶକମାନଙ୍କ ପାଇଁ ଅନ୍ୟତମ ଆକର୍ଷଣ ଥିଲା। ଏହାସହିତ ଅନୁଗୋଳର କୋଶଳା ଡ୍ୟାନ୍ସ ଏକାଡେମୀର କୁନି କଳାକାରମାନଙ୍କ ଦ୍ୱାରା ପରିବେଶିତ ଶ୍ରୀ ଗଣେଶ ଓ ଜୟ ମା ହିଙ୍ଗୁଳା ନୃତ୍ୟ ଦର୍ଶକଙ୍କୁ ଚମତ୍କୃତ କରି ଦେଇଥିଲା। ବରଗଡର ସ୍ୱର୍ଣ୍ଣାଞ୍ଜଳି ଲୋକ ନୃତ୍ୟ ଗ୍ରୁପର କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ଧାପ ନୃତ୍ୟ ଓ ଆସାମର କଳାକାରମାନଙ୍କ ଦ୍ୱାରା ପରିବେଶିତ ଲୋକନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ସଞ୍ଜୀବ ପଟ୍ଟନାୟକ, ଶୋଭନା ମିଶ୍ର ପରିଚାଳନା କରିଥିଲେ। ସମସ୍ତ କଳାକାରମାନଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଜିଲାପାଳ ନାରାୟଣ ସେଠି, ସହକାରୀ ଜିଲାପାଳ ପୁଷ୍ପିତା ମଧୁମତି ଦେହୁରୀ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ଓ ନିରାକାର ରାଉଳ ପ୍ରମୁଖ ସହଯୋଗ କରିଥିଲେ।

